### ପୌରପାଳିକାରେ ମିଶ୍ରଣକୁ ସମର୍ଥନ

# ଜିଲ୍ଲାପାଳଙ୍କୁ ଭେଟିଲେ ପାଞ୍ଚ ପଞ୍ଚାୟତବାସୀ



**ଛତ୍ରପୁର,୧୯ ।୨(ସମିସ):** ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌରପାଳିକା ଗଠନରେ ଆର୍ଯ୍ୟପଲ୍ଲୀ, କଣମଣା, ଅଗସ୍ତିନୂଆଗାଁ, ଚିକଲଖଣ୍ଡି ଓ ପୋଡାପଦର ଆଦି ୫ଟି ପଞ୍ଚାୟତ ମିଶ୍ରଣକୁ ନେଇ ସରକାରଙ୍କ ପ୍ରକ୍ରିୟା ଲାଗି ରହିଛି। ଏହାକୁ ପ୍ରକ୍ରିୟାକୁ ସମର୍ଥନ ଜଣାଇ ଗୁରୁବାର ୫ଟି ପଞ୍ଚାୟତର ଜନସାଧାରଣ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ବହୁଦିନର ଦାବି ପୂରଣ ହେବାକୁ ଯାଉଥିବା ନେଇ ରାଜ୍ୟସରକାର ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ୫ଟି ପଞ୍ଚାୟତର ଜନସାଧାରଣ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି। ପଞ୍ଚାୟତ ଗୁଡିକର ରାଜନୈତିକ ଉଦ୍ଦେଶ୍ୟ ରଖି କିଛି ସ୍ୱାର୍ଥପର ନେତା ଏହି ପୌରପାଳିକାରେ ପଞ୍ଚାୟତ ଗୁଡିକ ମିଶ୍ରଣକୁ ବିରୋଧ କରୁଥିବା ବେଳେ ଏହାକୁ ସରକାର ଗୁରୁତ୍ୱ ନ ନେଇ ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ନେଇଥିବା ନିଷ୍ପତ୍ତି ଅନୁସାରେ କାର୍ଯ୍ୟକାରୀ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ପଞ୍ଚାୟତ ଗୁଡିକରେ ଥିବା ଗ୍ରାମ ଗୁଡିକ ସହରରେ ମିଶ୍ରିତ ହେଲେ ସହରବାସୀ ଯେଉଁ ସୁବିଧା ସୁଯୋଗ ପାଉଛନ୍ତି ସେଥିରେ ମଧ୍ୟ ଆମ ଗ୍ରାମବାସୀ ସୁବିଧା ପାଇପାରିବୁ। ଏଣୁ ଛତ୍ରପୁର ପୌରପାଳିକାରେ ଆର୍ଯ୍ୟପଲ୍ଲୀ, କଣମଣା, ଅଗସ୍ତିନୂଆଗାଁ, ଚିକଲଖଣ୍ଡି ଓ ପୋଡାପଦର ମୋଟ ୫ଟି ପଞ୍ଚାୟତ ମିଶ୍ରଣକୁ ଆମ୍ଭେ ସମର୍ଥନ ଜଣାଇ ଆଜି ପ୍ରାୟ ସମସ୍ତ ପଞ୍ଚାୟତ ଗୁଡିକର ଏକ ହଜାରରୁ ଅଧିକା ଜନସାଧାରଣ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଅନୁରୋଧ ଜଣାଉଛୁ ଯେ, ଆମ ପଞ୍ଚାୟତ ଗୁଡିକ ପୌରପାଳିକାରେ ସାମିଲ କରନ୍ତୁ। ଛତ୍ରପୁର ଲୋୟର ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଏହି ସମର୍ଥନ ଜଣାଇଥିଲେ। ଏଥିରେ ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ ଓ ଆର. ସନ୍ତୋଷ ରେଡ୍ଡୀ, ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ପୋଡାପଦର ସରପଞ୍ଚ ସୁଜାତା ଦାସ, ଅଗସ୍ତିନୂଆଗାଁ ସରପଞ୍ଚ ଊର୍ମିଳା ଦାସ, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସମ୍ପାଦକ ବସନ୍ତ କୁମାର ବେହେରା ଓ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ପୂର୍ବତନ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀନାରାୟଣ ପଣ୍ଡା, ଛତ୍ରପୁର ମଣ୍ଡଳ ସଭାପତି ଗୌରୀଶଙ୍କର ନାହାକ, ଯୁବନେତା ବନୋଜ ନାହାକ ଓ ବିଭୁତି ଭୂଷଣ ସ୍ୱାଇଁ, ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢୀ, ଆଇନଜୀବୀ ପି.ଧର୍ମା ରେଡ୍ଡୀ ଓ ବ୍ରଜମୋହନ ଆଚାର୍ଯ୍ୟ, ସଂଜୀତ ରାଉଳ, ବି ଶଙ୍କର ରେଡ୍ଡୀ, ପି. ରଘୁନାଥ ରେଡ୍ଡୀଙ୍କ ସମେତ ୫ଟି ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ।

## ସୁଧୀର ହେଲେ ବିଜେଡି ନଗର ସଭାପତି



**ଗଞ୍ଜାମ,୧୯ ।୨(ସମିସ):** ଗଞ୍ଜାମ ଏନ୍‌ଏସିର ବିଜୁ ଜନତା ଦଳ ନଗର ସଭାପତି ଭାବେ ସୁଧୀର କୁମାର ପାଢ଼ୀଙ୍କୁ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ଯାହାକୁ ନେଇ ଦଳୀୟ କର୍ମୀ ଓ ଶୁଭେଚ୍ଛୁଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଦଳୀୟ ନେତା କର୍ମୀ ଏବଂ ନିର୍ବାଚିତ ପ୍ରତିନିଧିମାନେ ନବନିଯୁକ୍ତ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ପାଢ଼ୀଙ୍କର ନେତୃତ୍ୱରେ ଆଗାମୀ ଦିନରେ ଦଳୀୟ ସଙ୍ଗଠନ ସୁଦୃଢ଼ ହେବ ବୋଲି ଦଳୀୟ ନେତୃବୃନ୍ଦ ଆଶାବାଦୀ ଅଛନ୍ତି। ନଗର ସଭାପତି ଘୋଷଣା ହେବା ପରେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି ନବ ନିଯୁକ୍ତ ସୁଧୀର କୁମାର ପାଢ଼ୀ।

## ହାଇୱା ଧକ୍କାରେ ଯୁବକ ମୃତ

**ଦିଗପହଣ୍ଡି,୧୯ ।୨(ସମିସ):** ଦିଗପହଣ୍ଡି ଥାନା ମହୁଡ଼ା ଗ୍ରାମ ନିକଟରେ ହାଇୱା ଟ୍ରକ୍ (ନଂ. ଓଡ଼ି ୩୨ ଏଲ୍ - ୧୧୦୭) ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଜିଲ୍ଲା ଟାଙ୍ଗୀ ଗ୍ରାମର ଶରତ ଚନ୍ଦ୍ର ମହାନ୍ତି(୪୬)। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରାଜ କିଶୋର ପାତ୍ର ମୃତଦେହ ଜବତ କରି ଗୁରୁବାର ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଛି। ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଥିଲା। ଏନେଇ ଦିଗପହଣ୍ଡି ଥାନାରେ ଏତଲା ପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ମାମଲାନଂ.୬୧/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ଶରତ ମହୁଡା ନିକଟ ଗ୍ରାମ ବିକାଶ ସଂସ୍ଥାରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ମ୍ୟାନେଜର ଭାବେ କାମ କରୁଥିଲେ। ସେ ତାଙ୍କ ବାଇକରେ ଯାଉଥିବା ବେଳେ ହାଇୱା ଧକ୍କା ଦେଇଥିଲା। ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ରାତି ପ୍ରାୟ ୮ଟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୁଲିସ ଜବତ କରିବା ସହ ରମ୍ଭାର ଟ୍ରକ୍ ଚାଳକ ଜଗନ୍ନାଥ ଗୌଡ଼ଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ନଗର କଂଗ୍ରେସ ସଭାପତି ହେଲେ ଦୀପକ

**ଦିଗପହଣ୍ଡି,୧୯ ।୨(ସମିସ):** ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ଭାବେ ସ୍ଥାନୀୟ ଏନ୍‌ଏସି ୧୦ନଂ ୱାର୍ଡର କାଉନସିଲର ଦୀପକ କୁମାର ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ଗଞ୍ଜାମ ଜିଲ୍ଲା (ପୂର୍ବ) କଂଗ୍ରେସ କମିଟି ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ସୁପାରିଶ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନବନିଯୁକ୍ତ ନଗର କଂଗ୍ରେସ ସଭାପତି ଦୀପକ ପିସିସି ସଭାପତି ଭକ୍ତଚରଣ ଦାସ, ଜିଲ୍ଲା କଂଗ୍ରେସ କମିଟି ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀପକ ପୂର୍ବରୁ ନଗର କଂଗ୍ରେସ କମିଟି ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ସେ ପୁଣି ଥରେ ନିଯୁକ୍ତି ହୋଇଥିବାରୁ ସ୍ଥାନୀୟ କଂଗ୍ରେସ କାର୍ଯ୍ୟକର୍ତ୍ତା କେ. କୁନା, କାଉନସିଲର ସୁନୀଲ ପଣ୍ଡା, ରଞ୍ଜିତ ବେହେରା, ବାବି ପୂଜାରୀ, ବାଲ୍ମୀକି ବେହେରା, ମଣ୍ଟୁ ପାତ୍ର, ଶିବ ପ୍ରଧାନ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ମଣ୍ଡିରେ ଅବ୍ୟବସ୍ଥା ନେଇ ବଢୁଛି ଚାଷୀ ଅସନ୍ତୋଷ

**ଗଞ୍ଜାମ,୧୯ ।୨(ସମିସ):** ଗଞ୍ଜାମ ବ୍ଲକର ୧୫ଟି ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ହୋଇଥିବା ଚାଷୀ ଧାନ ବିକ୍ରି ପାଇଁ ମଣ୍ଡିର କେତେକ ସ୍ଥାନରେ ଅବ୍ୟବସ୍ଥା ଯୋଗୁଁ ଚାଷୀ ଅସୁବିଧା ସୃଷ୍ଟି ହୋଇଛି। ଏନେଇ ବାରମ୍ବାର ଗଞ୍ଜାମ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଛି। ସେ କିନ୍ତୁ ଫୋନ ରିସିଭ କରୁନଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସିଏସଓ ପ୍ରଦ୍ୟୁମ୍ନ ରାଉତରାୟଙ୍କୁ ଯୋଗ ଯୋଗ ପରେ ସେ ଗଞ୍ଜାମ ବ୍ଲକ ସମ୍ପର୍କରେ ସୂଚନା ଦେଇଛନ୍ତି। ବ୍ଲକର ମୋଟ ୬୯୯୨ ଧାନ ବିକ୍ରି ପାଇଁ ପଞ୍ଜୀକରଣ ହୋଇଥିଲା। ସେଥି ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୫୭୬୮ ଚାଷୀଙ୍କ ଧାନ ବିକ୍ରି ହୋଇଥିବା ସେ ସୂଚନା ଦେଇଛନ୍ତି। ମୋଟ ଏକ ଲକ୍ଷ ୭୩ ହଜାର ୨୯ କୁଣ୍ଟାଲ ଧାନ ଲକ୍ଷ ଧାର୍ଯ୍ୟ ରହିଥିବା ବେଳେ ଆଉ ବର୍ତ୍ତମାନ ୩୩ ହଜାର ୯୪୭ କୁଇଣ୍ଟାଲ ଧାର୍ଯ୍ୟ ଠାରୁ କମ ରହିଥିବା ସେ କହିଛନ୍ତି। ପାଖାପାଖି ୮୨.୮୫ ଧ ଧାନ କିଣା ସରିଛି ବୋଲି ସୂଚନା ଦେଇଛନ୍ତି। ପଞ୍ଜୀକରଣ ବେଳେ ଅଧିକ ନୀତିନିୟମ ଯୋଗୁଁ ଅନେକ ଚାଷୀ ସେଥିରୁ ବଞ୍ଚିତ ହୋଇଥିବା ଯୋଗୁଁ ମଣ୍ଡିରେ ଧାନ ବିକ୍ରି କରିପାରିନାହାନ୍ତି। ଯାହାଫଳରେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ବାଧ ଘରୋଇ ବେପାରୀକୁ ଧାନ ବିକ୍ରି କରି କ୍ଷତି ସହିଛନ୍ତି। ଏହି ସମସ୍ୟା ପାଇଁ ଚାଷୀ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବ୍ଲକ ଯୋଗାଣ ବିଭାଗୀୟ ଅଧିକାରୀ କୌଣସି ଏଥି ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏପରିକି କ୍ଷେତ୍ରକୁ ନଯାଇ କେବେଳ ଅଫିସରେ କିଛି ଦଲାଲ ଜରିଆରେ ଖବର ବୁଝି ଦେଉଛନ୍ତି ବୋଲି ଚାଷୀ ମାନେ ଅଭିଯୋଗ ଆଣିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦୁର୍ଘଟଣାରେ ଯୁବକ ମୃତ

**ଆସିକା,୧୯ ।୨(ସମିସ):** ଆସିକା ବ୍ଲକ ଅନ୍ତର୍ଗତ ନିମିନା ଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ସାଇକଲ୍ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ବାଇକ୍ ଚାଳକ ଭାରସାମ୍ୟ ହରାଇ ତଳେ ପଡିଯିବାରୁ ପଛରେ ବସିଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଳାସୁତା ଗ୍ରାମର ବୁଦ୍ଧିରାମ ଗୌଡ। ସେହିପରି ବାଇକ ଚଲାଉଥିବା ମଙ୍ଗୁଲୁ ରାଉତ ଆହତ ହୋଇଛନ୍ତି। ବୁଦ୍ଧିରାମ ଅସୁସ୍ଥ ଥିବାରୁ ମେଡିକାଲକୁ ମଙ୍ଗୁଲୁଙ୍କ ସହ ବାଇକରେ ଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ ଝାଡ଼ବନ୍ଧ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ ସମବେଦନା ଜଣାଇଛନ୍ତି।

## ଲୁଟ୍ ଟଙ୍କା ଫେରାଇଲା ପୁଲିସ

**ରଙ୍ଗେଇଲୁଣ୍ଡା,୧୯ ।୨(ସମିସ):** ଗତ ଅଗଷ୍ଟ ୨୧ରେ ଗୋଳନ୍ଥରା ଥାନା ଅଧିନସ୍ଥ କନିଷି ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରିସରରୁ ଜଣେ ମହିଳାଙ୍କ ଠାରୁ ୫୦ହଜାର ଟଙ୍କା ଲୁଟି ନେଇଥିବା ୬ ଜଣ ଅଭିଯୁକ୍ତଙ୍କୁ ଆନ୍ଧ୍ର ପୁଲିସ ଗିରଫ କରିଛି। ସେମାନଙ୍କ ଠାରୁ ଉଦ୍ଧାର ହୋଇଥିବା ୯ ହଜାର ଟଙ୍କା ଲୁଟର ଶିକାର ମହିଳାଙ୍କୁ ଗୁରୁବାର ଗୋଳନ୍ଥରା ପୁଲିସ ଫେରସ୍ତ କରିଛି। ଗତ ଅଗଷ୍ଟ ୨୧ରେ ଏହି ଥାନା ଅନ୍ତର୍ଗତ ଶାସନପଦର ଗ୍ରାମର ସୁଲୋଚନା ନାୟକ କନିଷି ବ୍ୟାଙ୍କ ଅଫ ଇଣ୍ଡିଆକୁ ନିଜ ଆକାଉଣ୍ଟରେ ଏକ ଲକ୍ଷ ଟଙ୍କା ଜମା କରିବାକୁ ଯାଇଥିଲେ। ସାଙ୍ଗରେ ପାନ କାର୍ଡ ନେଇ ନଥିବାରୁ ଏକାକାଳୀନ ୧ ଲକ୍ଷ ଟଙ୍କା ଜମା ସମ୍ଭବ ହୋଇ ନଥିଲା।

୫୦ ହଜାର ଟଙ୍କା ଜମା କରିବା ପାଇଁ ଅପେକ୍ଷା କରିଥିବା ବେଳେ କିଛି ମହିଳା ବ୍ୟାଙ୍କ ଭିତରେ ପ୍ରବେଶ କରି ମହିଳାଙ୍କ ପାଖରେ ବସି ଏକ ବ୍ଲେଡ ସାହାଯ୍ୟରେ ବ୍ୟାଗକୁ କାଟି ୫୦ ହଜାର ଲୁଟି ନେଇ ଚମ୍ପଟ ମାରିଥିଲେ। ଏନେଇ ସୁଲୋଚନା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଥିଲା। ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ ତଦନ୍ତ ଆରମ୍ଭ କରିବା ସହ ବ୍ୟାଙ୍କର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ତେବେ ଲୁଟେରା ଆନ୍ଧ୍ରପ୍ରଦେଶରେ ଧରା ପଡ଼ିଥିବା ଖବର ପାଇ ତଦନ୍ତ ଅଧିକାରୀ ଶ୍ରୀ ଚୌଧୁରୀ ଏକ ପୁଲିସ ଟିମ ସହ ଆନ୍ଧ୍ର ପ୍ରଦେଶ ସତ୍ୟସାଇ ଜିଲ୍ଲା ଗୋରଣ୍ଟଲା ଥାନାରେ ପହଞ୍ଚି ଲୁଟେରା ମାନଙ୍କୁ ପଚରା ଉଚରା କରିଥିଲେ। ପରେ ସେମାନଙ୍କ ଠାରୁ ପୁଲିସ ଉଦ୍ଧାର ହୋଇଥିବା ୯ ହଜାର ଟଙ୍କା ଜବତ କରିବା ସହ ଆଜି ସୁଲୋଚନାଙ୍କୁ ଥାନାକୁ ଡ଼ାକି ତଦନ୍ତ ଅଧିକାରୀ ଚୌଧୁରୀ ୯ ହଜାର ଟଙ୍କା ପ୍ରଦାନ କରିଥିଲେ। ମଧ୍ୟପ୍ରଦେଶ ରାଜଗର ଜିଲ୍ଲାର ପୋଟରେ ତେଲକ ଗ୍ରାମର ସମସ୍ତ ଲୁଟେରା ବୋଲି ପୁଲିସ କହିଛି।

## ପୁନର୍ବାର ସଞ୍ଜୟ ହେଲେ ବ୍ଲକ୍ ବିଜେଡି ସଭାପତି



**ଧରାକୋଟ,୧୯ ।୨(ସମିସ):** ରାଜ୍ୟ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଧରାକୋଟ ବ୍ଲକ ବିଜେଡି ସଭାପତି ଭାବରେ ଦ୍ୱିତୀୟ ଥର ପାଇଁ ସଞ୍ଜୟ ପାତ୍ର ମନୋନୀତ ହୋଇଛନ୍ତି। ୨୦୧୯ ରୁ ୨୬ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହି ଦଳୀୟ ସଂଗଠନକୁ ସୁଦୃଢ଼ କରି ଗତ ପଞ୍ଚାୟତ ନିର୍ବାଚନରେ ଦଳକୁ ଧରାକୋଟ ବ୍ଲକରେ କ୍ଷମତାସୀନ କରାଇବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଉପରେ ଦୃଢ଼ ଆସ୍ଥା ପ୍ରକଟ କରି ଦଳ ଦ୍ୱିତୀୟ ଥର ଦାୟିତ୍ୱ ଦେଇଛି। ଗୁରୁବାର ପଞ୍ଚାୟତବାସୀଙ୍କ ତରଫରୁ ଶତ୍ରୁଘ୍ନ ନାୟକ, ସନାତନ ଗୌଡ଼, ବୈକୁଣ୍ଠ ପାଣିଗ୍ରାହୀ, କୁନା ନାହାକ, ପ୍ରଦୀପ ବେହେରା, କୃଷ୍ଣଚନ୍ଦ୍ର ନାହାକ, ପ୍ରଶାନ୍ତ ପାତ୍ର, ପ୍ରମିଳା ନାୟକ, କୁନା ନାହାକଙ୍କ ସମେତ ଶତାଧିକ ଲୋକ ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ଉପରେ ଆଶା ପ୍ରକଟ କରିଥିବାରୁ ସଞ୍ଜୟ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ବିକ୍ରମ ପଣ୍ଡା, ଭଗବାନ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଓ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସାମ୍ବାଦିକଙ୍କ ସହ ଏସ୍‌ଡିପିଆର୍‌ଓଙ୍କ ଆଲୋଚନା



**ଧରାକୋଟ,୧୯ ।୨(ସମିସ):** ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ ଗୁରୁବାର ଧରାକୋଟରେ ପହଞ୍ଚି ସ୍ଥାନୀୟ ସାମ୍ବାଦିକ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଠିକ ଭାବରେ ଖବର ପରିବେଷଣ, ଖବର ସଠିକ ଭାବରେ ଆଦାନ ପ୍ରଦାନ, ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟବୀମା ଯୋଜନା, ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରଶାସନର ଦୃଷ୍ଟିକୁ ଆଣିବାରେ ସାମ୍ବାଦିକମାନଙ୍କ ରହିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଧରାକୋଟ ପ୍ରେସ୍ କ୍ଲବର ଉପଦେଷ୍ଟା ହୃଦାନନ୍ଦ ଜେନା, ସଭାପତି ବିଷ୍ଣୁ କେଶରୀ ଆଚାର୍ଯ୍ୟ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, କାଳୁ ଚରଣ ମହାପାତ୍ର, ଶିଶିର ମହାନ୍ତି, ଶଙ୍କର ପ୍ରସାଦ ପାଣିଗ୍ରାହି, ରବିନନ୍ଦନ ପ୍ରଧାନ ପ୍ରମୁଖଙ୍କ ସହ ବିଭାଗୀୟ ବରିଷ୍ଠ ସହାୟକ ପ୍ରଦୀପ କୁମାର ପାତ୍ର ଉପସ୍ଥିତ ରହିଥିଲେ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଧରାକୋଟ,୧୯ ।୨(ସମିସ):** ଧରାକୋଟ ବ୍ଲକର ଢ଼ଉଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୩୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମନୁ ପାତ୍ର ଓ ଆଇଏସଓ ଅଡିଟର ପ୍ରଣୟ କୁମାର ପାଢ଼ି ଉପସ୍ଥିତ ରହି ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ନାଏବ ସରପଞ୍ଚ ରେବତୀ ନାୟକ, ୱାର୍ଡସଭ୍ୟ ଭାରତୀ ଜେନାଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।





## ଭଗବାନ ନଗର ଓ ସୁରଥ ବ୍ଲକ୍ ବିଜେଡି ସଭାପତି

**କବିସୂର୍ଯ୍ୟନଗର,୧୯ ।୨(ସମିସ):** ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ। ଏହାକୁ ଆଖି ଆଗରେ ରଖି ବିଜେଡି ତାର ସମର ସଜ୍ଜା ଆରମ୍ଭ କଲାଣି। ବୁଧବାର ଏନେଇ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଏନ୍‌ଏସି ଓ ବ୍ଲକ ସଭାପତି ତାଲିକା ପ୍ରକାଶ ପାଇଛି। ପୁଣିଥରେ କବିସୂର୍ଯ୍ୟନଗର ଏନଏସି ନଗର ବିଜେଡି ସଭାପତି ଭାବେ ୪ର୍ଥ ପାଇଁ ଭଗବାନ ସ୍ୱାଇଁଙ୍କୁ ଚୟନ କରାଯାଇଛି। ଏଥିପାଇଁ ସେ ପ୍ରାକ୍ତନ ବିଧାୟିକା ଲତିକା ପ୍ରଧାନ, ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁ, ଜିଲ୍ଲା ସଭାପତି ଦ୍ୱୟ ଓ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ବ୍ଲକ ସଭାପତି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନଙ୍କୁ ମନୋନୀତ କରାଯାଇଛି।

## ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

**ଭଞ୍ଜନଗର,୧୯।୨(ସମିସ):** ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ସପ୍ତାହ ଅବସରରେ ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲରେ ବୁଧବାର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ଶିବିରର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥି, ଡ. ପ୍ରଣବାନନ୍ଦ ପାତ୍ର, ଡ. ଦିଲ୍ଲୀପ କୁମାର ସାହୁ, ଡ. ଅନିଲ କୁମାର ଚୌଧୁରୀଙ୍କ ସମେତ ଅନ୍ୟ ବିଭାଗର ଡାକ୍ତର ଯୋଗଦେଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଭଞ୍ଜନଗର ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯେଉଁମାନଙ୍କୁ ଔଷଧ ଆବଶ୍ୟକ ମାଗଣାରେ ଔଷଧ ଯୋଗାଇ ଦିଆଯାଇଛି। ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




## ଜଙ୍ଗଲ ଜମି ପଟ୍ଟା ଦାବିରେ ଆଦିବାସୀ ମେଳି




**ଖଲ୍ଲିକୋଟ,୧୯ ।୨(ସମିସ):** ଆଦିବାସୀମାନେ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦେବାକୁ ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ବାରମ୍ବାର ଦାବି ସତ୍ତ୍ୱେ ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇବାକୁ କୌଣସି ପଦକ୍ଷେପ ନିଆ ଯାଉନଥିବା ଏବଂ ଭାଲେରୀ ୧, ୨, ୩ ଜଙ୍ଗଲର କାଜୁ ଲିଜ୍ ବାତିଲ କିମ୍ବା କାଜୁ ଲିଜ୍ ନଦେବାକୁ ଦାବି କରି ଆଜି ବାଦପଲ୍ଲୀ ପଞ୍ଚାୟତର ମୀନାପୁର, ଫାଶିଖୋଲ, ଖଜୁରୀସାହି, ଛକାସିଂ, କୁମାର ସିଂ, ଦେବିଝର, ଖଣ୍ଡିଆନାଳ, ନୋଲୁ ସିଂ ପ୍ରଭୃତି ୧୧ ଖଣ୍ଡ ଗ୍ରାମର ଶହ ଶହ ଆଦିବାସୀଙ୍କୁ ନେଇ ଏକ ମହା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭିଟାମାଟି ସୁରକ୍ଷା ଅଭିଯାନ ଓ ଜଙ୍ଗଲ ଅଧିକାର କମିଟି ତରଫରୁ ବାଦପଲ୍ଲୀ ପଞ୍ଚାୟତର ମୀନାପୁର ଠାରେ ଅନୁଷ୍ଠିତ ଏହି ମହା ସମ୍ମିଳନୀରେ ଲୋକଶକ୍ତି ଅଭିଯାନ ସଭାପତି ତଥା ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ମିଥ୍ୟା ମୋକଦ୍ଦମା ବିରୋଧୀ ଅଭିଯାନ ଆବାହକ ନରେନ୍ଦ୍ର ମହାନ୍ତି ସମ୍ମାନିତ ବକ୍ତା, ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଂଘର ସର୍ବ ଭାରତୀୟ ସମ୍ପାଦିକା ପ୍ରମିଳା ସମ୍ମାନିତ ଅତିଥି ଏବଂ ଓଡିଶା ବସ୍ତି ସୁରକ୍ଷା ମଞ୍ଚର ବିଜୟ ବାରିକ ପ୍ରମୁଖ ଯୋଗଦେଇ ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀମାନଙ୍କୁ ଜମି ଚିହ୍ନଟ କରି ଏଯାବତ ପଟ୍ଟା ବଣ୍ଟନ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଆଦିବାସୀମାନେ ସତ୍ୟାଗ୍ରହ କରିବେ ବୋଲି ଚେତାବନୀ ଦେଇଥିଲେ। ଆଇନ ଅନୁଯାୟୀ ଭାଲେରୀ ୧, ୨ ଓ ୩ ଜଙ୍ଗଲର କାଜୁ ଲିଜ୍ ବାତିଲ କରି କିମ୍ବା ଲିଜ୍ ନ ଦେଇ ସେହି ଜଙ୍ଗଲ ଜମିର ପଟ୍ଟା ଆଦିବାସୀଙ୍କୁ ଦିଆଯାଉ ବୋଲି ଗଞ୍ଜାମ ଭିଟାମାଟି ସୁରକ୍ଷା ଅଭିଯାନର ସଂଯୋଜକ ବିଜୟ କୁମାର ସ୍ୱାଇଁ ଦାବି କରିଛନ୍ତି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଦୁର୍ଗା ଚରଣ ସାହୁ
କୃଷି ବିଭାଗ, ଓଡ଼ିଶା ସରକାରଙ୍କ
ଅବସରପ୍ରାପ୍ତ କର୍ମଚାରୀ
'ଭଜନ କଳିକା'ର ରଚୟିତା
ଅର୍ଜୁନପୁର, କେନ୍ଦ୍ରାପଡ଼ା
ଆବିର୍ଭାବ - ୦୮.୦୩.୧୯୪୮
ତିରୋଧାନ - ୦୯.୦୨.୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ
ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ
ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକ ସନ୍ତପ୍ତ: ପତ୍ନୀ - ଆରତୀ,
ପୁତ୍ର: ଲଳିତ, ଲୋକନାଥ,
ଲକ୍ଷ୍ମୀନାରାୟଣ, ପୁତ୍ର ବଧୂ: ନମିତା,
ସୀମା, ସୁଚିତ୍ରା, କନ୍ୟା: ଲକ୍ଷ୍ମୀପ୍ରିୟା,
ନାତି ନାତୁଣୀ: ମାମା, ସୋମୁ,
ସୁଚରିତା, ଶୁଭକିକ୍ତା,
ଶୁଭସ୍ମିତା, ନୃସିଂହ,
ବନ୍ଧୁ, ପରିଜନ ଓ ଆତ୍ମୀୟସ୍ୱଜନ

କରଡ଼ା ଘାଟିରେ ଗାର୍ଡୱାଲ୍ ନାହିଁ, ବଢୁଛି ଦୁର୍ଘଟଣା

# ୫୦ ଫୁଟ୍ ଖାଇକୁ ଖସିଲା ଟ୍ରକ୍



ରାଇକିଆ,୧୯।୨(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ କରଡ଼ା ଘାଟିରେ ନିୟନ୍ତ୍ରଣ ହରାଇ ଏକ ମହୁଲ ବୋଝେଇ ଟ୍ରକ୍ ଘାଟି ତଳକୁ ୫୦ ଫୁଟ ଖାଇ ମଧ୍ୟକୁ ଖସି ପଡ଼ିଛି। ମାତ୍ର ଚାଳକ ଏହାପୂର୍ବରୁ ଡେଇଁ ପଡ଼ିବାରୁ ଜୀବନ ବଞ୍ଚି ଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଟ୍ରକ୍ ବଲାଙ୍ଗୀରରୁ ମହୁଲ ନେଇ କରଡ଼ା ଅଭିମୁଖେ ଯାଉଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ରାଇକିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାଇକିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଦୁର୍ଘଟଣାର ପ୍ରକୃତ କାରଣ ଜଣା ପଡ଼ିନଥିଲେ ମଧ୍ୟ ଗାର୍ଡୱାଲ୍ ନଥିବାରୁ ଅନେକ ସମୟରେ ଏହି ସ୍ଥାନରେ ଦୁର୍ଘଟଣା ଘାଟି ପ୍ରାଣହାନୀ ହେବାର ନଜିର ରହିଛି। ଯେଉଁସବୁ ଯାନବାହନ ଚଳାଚଳ ହେଉଛି ଅତ୍ୟନ୍ତ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ତିନି ବର୍ଷ ହେଲା ରାସ୍ତା କାମ ଚାଲିଥିଲେ ମଧ୍ୟ ଠିକା ସଂସ୍ଥାର ଖାମଖିଆଲି ଯୋଗୁ କାମ ସରୁନାହିଁ। ମାଲାଗୁଡ଼ାଠାରୁ କରଡ଼ା ପର୍ଯ୍ୟନ୍ତ ଏହି ଘାଟିର ଅନେକ ସ୍ଥାନରେ ମାଟିଅତଡା ଖସୁଛି। ୪୦ ବର୍ଷରୁ ଅଧିକ ପୁରୁଣା ଏହି ଘାଟିରାସ୍ତା କେବଳ ମରାମତିରେ ଚାଲିଛି। ବର୍ଷାଦିନେ ଯାତାୟାତ ସମ୍ଭବ ହେଉନାହିଁ। ରାସ୍ତା ଉପରକୁ ବର୍ଷାରେ ପଥର ଖସୁଛି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାସ୍ତାକଡ଼ରେ ଗାର୍ଡୱାଲ ନ ଥିବା ଯୋଗୁ ଭାରସାମ୍ୟ ହରାଇଲେ ସିଧା ଘାଟି ତଳକୁ। ଉଭୟ ପାର୍ଶ୍ୱରେ ସଠିକ୍ ଡ୍ରେନେଜ ନଥିବା ଯୋଗୁ ବର୍ଷାଦିନେ ରାସ୍ତା ଧୋଇ ହୋଇଯାଉଛି। ଏହାର ଗାର୍ଡୱାଲ ନିର୍ମାଣ ପାଇଁ ଦୃଷ୍ଟି ଦିଆଯାଉ ନ ଥିବାରୁ ମାଟି କ୍ଷୟ ହେବାରେ ଲାଗିଛି। ଗତ ସେପ୍ଟେମ୍ବର ମାସରେ କଳିଙ୍ଗା ଘାଟିରେ ଭୂସ୍ଖଳନ ଯୋଗୁଁ ରାସ୍ତା ବନ୍ଦ ହେବା ଫଳରେ ବିକଳ୍ପ ରାସ୍ତା ଭାବେ ଏହି ରାସ୍ତା ଦେଇ ଦୈନିକ ଶତାଧିକ ଯାନବାହାନ ବିପଦପୂର୍ଣ୍ଣ ଭାବେ ଗଞ୍ଜାମ ଜିଲ୍ଲାକୁ ଚଳାଚଳ କରିଥିଲା।

# କାର୍‌କୁ ଧକ୍କା ଦେଲା ବାଇକ୍; ଚାଳକ ମୃତ



ପାରଳାଖେମୁଣ୍ଡି/ମୋହନା,୧୯।୨(ସମିସ): ଆର୍.ଉଦୟଗିରିରେ ଏକ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ବିଦ୍ୟାଳୟସମ୍ମୁଖ ଦେଇ ଏକ କାର ଯାଉଥିବା ବେଳେ ଜାତୀୟ ରାଜପଥ ୩୨୬-ଏ ଦେଇ ସୁଣ୍ଡରବା ଯାଉଥିବା ବାଇକ ଚାଳକ କାରକୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ସୁଣ୍ଡରବା ଗ୍ରାମର ପ୍ରିୟଦର୍ଶନ ରଇତ। ସେ ବାଇକରେ ନିଜ ଗ୍ରାମରୁ ଆର୍.ଉଦୟଗିରି ଯାଉଥିଲେ। ଆର୍.ଉଦୟଗିରି ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

# ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା

ବାଲିଗୁଡ଼ା,୧୯।୨(ସମିସ): ସାମାନ୍ୟ ବଚସାରୁ ଜଣେ ଯୁବକ ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲିଗୁଡ଼ା ଥାନା ବାରଖମା ଫାଣ୍ଡି ଅନ୍ତର୍ଗତ ଗାଟିଙ୍ଗିଆ ଗ୍ରାମରେ। ମୃତକ ହେଲେ ଡକିଲା ମଲିକ (୪୨)।

ସୂଚନା ମୁତାବକ, ମାନସିକ ବିକାରଗ୍ରସ୍ତ ଯୁବକ ଜପ ମଲିକ (୪୫) ଓ ଡକିଲା ମଲିକ (୪୨)ଙ୍କ ମଧ୍ୟରେ କିଛି କଥାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ଜପ ରାଗିଯାଇ ଡକିଲାଙ୍କୁ ଟାଙ୍ଗିଆରେ ଗୋଡ଼େଇ ଗୋଡ଼େଇ ହାଣିଥିବା କହିଛନ୍ତି ପରିବାରବର୍ଗ ଓ ଅଞ୍ଚଳବାସୀ। ପରିବାରବର୍ଗ ଓ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଡକିଲାଙ୍କୁ ପ୍ରଥମେ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସଂକଟାପନ୍ନ ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଡକିଲାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଗୁଡ଼ା ଥାନା ପୁଲିସ୍ ଅଭିଯୁକ୍ତ ଜପ ମଲିକଙ୍କୁ ଥାନାରେ ଅଟକ ରଖି କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଛି ସେ ନେଇ ଅଧିକ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



# ଫୁଲବାଣୀ ସରକାରୀ ଆଇଟିଆଇରେ ନୂତନ ଅଧ୍ୟକ୍ଷ



ଫୁଲବାଣୀ,୧୯।୨(ସମିସ): ପ୍ରଦୀପ କୁମାର ସାହୁ ଫୁଲବାଣୀ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ (ଆଇଟିଆଇ)ର ନୂତନ ଅଧ୍ୟକ୍ଷ ହୋଇଛନ୍ତି। ସେ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଭବାନୀପାଟଣାରୁ ବଦଳି ହୋଇ ଫୁଲବାଣୀରେ ଯୋଗଦାନ କରିଛନ୍ତି। ଏହି ଅବସରରେ ସ୍କିଲ୍ଡ ଇନ୍ ଓଡ଼ିଶା ଗୋ ଗ୍ଲୋବାଲ୍ ସ୍ଲୋଗାନକୁ ସାକାର କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ସେ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ଦାରିଙ୍ଗିବାଡ଼ି ଓ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ କୋଟଗଡ଼ରେ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିଲେ।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଉତ୍ତରପ୍ରଦେଶ ଦମ୍ପତି

ପାରଳାଖେମୁଣ୍ଡି,୧୯।୨(ସମିସ): ଗଜପତି ଜିଲ୍ଲାରୁ ୭୯ ଓ ୮୦ତମ ଶିଶୁଙ୍କୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲ ପୋଷ୍ୟ ସନ୍ତାନ ଭାବେ ଉତ୍ତର ପ୍ରଦେଶର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁଦ୍ୱୟଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳଶ୍ରମରେ ରଖାଯାଇଥିଲା। ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଶିଶୁଦ୍ୱୟଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ଦୁଇ ଶିଶୁଙ୍କ ବୟସ ୧୦ ବର୍ଷ (କନ୍ୟା) ଓ ୧୩ ବର୍ଷ (ପୁତ୍ର)।




ଘର ନିର୍ମାଣ କାମରେ ପିଇବା ପାଣି ବ୍ୟବହାର

# ପାଣି ଟାଙ୍କି ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ



ମୋହନା,୧୯।୨(ସମିସ): ପିଇବା ପାଣିକୁ ନେଇ ଘର ନିର୍ମାଣ କାମରେ ଲଗାଯାଉଥିବାରୁ ଏହାକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ମୋହନା ବ୍ଲକ ଲିଲିଗଡ଼ ପଞ୍ଚାୟତର ଏକ୍ରିକୂପା ଗ୍ରାମରେ। ଗୁରୁବାର ଟ୍ରାକ୍ଟରରେ ପାଣି ନେଇ ଯାଉଥିବା ପାଣି ଟାଙ୍କି ଗାଡ଼ିକୁ ଅଟକାଇ ପ୍ରତିବାଦ କରିଛନ୍ତି ଗ୍ରାମବାସୀ।

ଗ୍ରୀଷ୍ମ ଆରମ୍ଭ ନହେଉଣୁ ଗାଁରେ ଲୋକଙ୍କୁ ଠିକ୍ ଭାବରେ ପିଇବା ପାଇଁ ପାଣି ମିଳୁ ନ ଥିବା ବେଳେ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମଲିକଙ୍କ ନିର୍ଦ୍ଦେଶ କ୍ରମେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ୩୦ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କିରୁ ସିଧାସଳଖ ନିକଟସ୍ଥ ଢେପାପଦର ଗାଁର ଜଣେ ବ୍ୟକ୍ତି ପାଣି ଟାଙ୍କି ଗାଡ଼ି ଘର କାମ ପାଇଁ ନେଉଥିବାବେଳେ ଗାଡ଼ିକୁ ଅଟକାଇଛନ୍ତି ଗାଁର ମହିଳା ଓ ପୁରୁଷ। ଲୋକଙ୍କ ନିମନ୍ତେ ନିର୍ମାଣ ହୋଇଥିବା ଟାଙ୍କିରୁ ଏଭଳି ପାଣି ନେବାକୁ ବିରୋଧ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଲୋକେ। ଏନେଇ ସରପଞ୍ଚଙ୍କ ସ୍ୱାମୀଙ୍କୁ ଯୋଗାଯୋଗ କରାଯିବାରେ ସେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଘଟଣା ସମ୍ପର୍କରେ ମୋହନା ବ୍ଲକ ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଦୁଷ୍କର୍ମ ଉଦ୍ୟମ ଅପରାଧରେ ନାବାଳକ ଦୋଷୀ ସାବ୍ୟସ୍ତ

# ସୁଧାର ଗୃହରେ ରହିବେ ୨ ବର୍ଷ

ପାରଳାଖେମୁଣ୍ଡି,୧୯।୨(ସମିସ): ଗଜପତି ଜିଲ୍ଲା ମୋହନା ଥାନା ଅଧିନରେ ୨୦୨୪ ନଭେମ୍ବରରେ ଘଟିଥିବା ଏକ ଦୁଷ୍କର୍ମ ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ପାରଳାଖେମୁଣ୍ଡିସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡର ରେଜିଷ୍ଟ୍ରାର ତଥା ମୁଖ୍ୟ ମାଜିଷ୍ଟ୍ରେଟ ପ୍ରସନ୍ନ କୁମାର ବେହେରା ଏହି ମାମଲାର ଶୁଣାଣି କରି ନାବାଳକ ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତା ଓ ପୋକ୍‌ସୋ ଧାରା-୬ରେ ପୃଥକ୍ ପୃଥକ୍ ଭାବେ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମପୁର ସ୍ଥିତ ସୁଧାର ଗୃହରେ ରହିବାକୁ ଆଦେଶ ଦେଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ସୁଧାର ଗୃହରେ ରହିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ମଣ୍ଡଳା ଲୋକନାଥମ ମାମଲାର ସଫଳ ପରିଚାଳନା କରିଥିବା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୨୪ ନଭେମ୍ବରରେ ମୋହନା ଥାନାରେ ଏକ ଦୁଷ୍କର୍ମ ଉଦ୍ୟମ ମାମଲା ରୁଜୁ ହୋଇଥିଲା। ଏହି ମାମଲା ମୁତାବକ ଦ୍ୱିପହରରେ ୬ବର୍ଷୀୟା ପୀଡ଼ିତା ଅଙ୍ଗନବାଡିରୁ ଫେରି ନିଜ ଘରେ ବସି ଟିଭି ଦେଖୁଥିଲା। ସେହି ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ନାବାଳକ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ପରେ ଏହି କଥା କାହାରି ଆଗରେ ପ୍ରଘଟ ନ କରିବାକୁ ଧମକ ଦେଇଥିଲା। ପରେ କିନ୍ତୁ ନାବାଳିକା ଜଣକ ନିଜ ମା'ଙ୍କୁ ସବୁ କଥା ଜଣାଇବା ପରେ ପରିବାର ଲୋକେ ମୋହନା ଥାନାରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କୁ ମିଶାଇ ୨୧ଜଣ ସାକ୍ଷୀ ତଥା ଅଭିଯୁକ୍ତଙ୍କ ପକ୍ଷର ୨ଜଣ ସାକ୍ଷୀଙ୍କ ବୟାନ ଓ ବୋଡର୍‌ର ସଦସ୍ୟ ଭାଗ୍ୟଲକ୍ଷ୍ମୀ ନାୟକ ଓ ରବୀନ୍ଦ୍ର କୁମାର ପାଳଙ୍କ ମନ୍ତବ୍ୟକୁ ଭିତ୍ତି କରି ଆଜି ବିଚାରପତି ଅଭିଯୁକ୍ତଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷର ସଜା ଶୁଣାଇଛନ୍ତି।

ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

# ଗଜପତିରେ ୮୨୯୪ ପରୀକ୍ଷାର୍ଥୀ; ପ୍ରଥମ ଦିନରେ ୧୪୧ ଅନୁପସ୍ଥିତ

ପାରଳାଖେମୁଣ୍ଡି,୧୯।୨(ସମିସ): ସାରା ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଥିବାବେଳେ ଗଜପତି ଜିଲ୍ଲାରେ ଚଳିତ ବର୍ଷ ୧୬୧ ହାଇସ୍କୁଲର ରେଗୁଲାର, ଷ୍ଟେଟ ଓପନ୍ ସ୍କୁଲିଂ କୋର୍ସ ଏବଂ କରେସ୍‌ପୋଣ୍ଡାନ୍ସ କୋର୍ସ ନିମନ୍ତେ ୮୪୫୮ ଜଣ ଛାତ୍ରଛାତ୍ରୀ ଫର୍ମ ଭରିଥିଲେ। ଏଥିମଧ୍ୟରୁ ରେଗୁଲାରରେ ୮୧୧୬ ଓ ଏକ୍ସ ରେଗୁଲାର୧୮ଙ୍କୁ ମିଶାଇ ମୋଟ ୮୧୩୪ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷାର ବନ୍ଦୋବସ୍ତ କରାଯାଇଥିବା ବେଳେ ୧୪୧ ଜଣ ପ୍ରଥମ ଦିନରେ ଅନୁପସ୍ଥିତ ଥିଲେ। ଫଳରେ ୭୯୯୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜିଲ୍ଲା ଶିକ୍ଷା ବିଭାଗ ସୂଚନା ଦେଇଛି। ସେହିପରି ଷ୍ଟେଟ ଓପନ୍ ସ୍କୁଲିଂ କୋର୍ସ ନିମନ୍ତେ ୨୭୮ ଜଣ ଛାତ୍ରଛାତ୍ରୀ ଫର୍ମ ଭରିଥିବା ବେଳେ ଏଥି ମଧ୍ୟରେ ୧୯ ଜଣ ଅନୁପସ୍ଥିତ ରହିଥିଲେ। କରେସ୍‌ପୋଣ୍ଡାନ୍ସ କୋର୍ସ ନିମନ୍ତେ ୪୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ସବୁ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଜିଲ୍ଲାରେ ପରୀକ୍ଷା ପାଇଁ ୪୦ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ପ୍ରଶ୍ନପତ୍ର ବଣ୍ଟନ ପାଇଁ ୧୧ ଟିମ୍ ଗଠନ କରାଯାଇଛି। ପରୀକ୍ଷା ସୁପରିଚାଳନା ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ମହାରାଜା ବାଳକ ଉଚ୍ଚବିଦ୍ୟାଳୟ, ରାୟଗଡସ୍ଥ ସରକାରୀ ଉଚ୍ଚବିଦ୍ୟାଳୟ, ଆର୍.ଉଦୟଗିରି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମୋହନାର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳକୁ ନୋଡାଲ କେନ୍ଦ୍ର ଚୟନ କରାଯାଇ ଥିବାବେଳେ ୧୧ ବିତରଣ କେନ୍ଦ୍ର ଖୋଲାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ସେହିଭଳି ୪ସ୍ତରୀୟ ସ୍କ୍ୱାଡ ଗଠନ କରାଯାଇ ସମସ୍ତ ପରୀକ୍ଷା କେନ୍ଦ୍ର ଉପରେ ନଜର ରଖାଯାଇଛି। ପ୍ରଥମ ଦିନରେ ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସମାପନ ହୋଇଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ସ୍ଥାପନ ହୋଇଛି। ସେହିପରି ଜିଲ୍ଲା ପ୍ରଶାସନ ଦ୍ୱାରା ପରୀକ୍ଷା ଦିନରେ ତଦାରଖ କରିବାକୁ ସମସ୍ତ ପରୀକ୍ଷା କେନ୍ଦ୍ରରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତ କରାଯାଇଛି। ପରୀକ୍ଷା ଦିବସରେ ପରୀକ୍ଷା ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ହେବା ସମୟ ନିର୍ଘଣ୍ଟ ହୋଇଥିବା ବେଳେ ଗଣିତ ବିଷୟରେ ପରୀକ୍ଷା ଦିନ ସକାଳ ୯ ଘଣ୍ଟା ଠାରୁ ୧୧.୪୫ ପର୍ଯ୍ୟନ୍ତ ସମୟ ନିର୍ଘଣ୍ଟ ରହିଛି। ସମସ୍ତ ପରୀକ୍ଷା କେନ୍ଦ୍ର ଏବଂ ନୋଡାଲ ସେଣ୍ଟରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୁଲିସ ମୁତୟନ ହୋଇଛି।

## ଫିରିଙ୍ଗିଆ ବ୍ଲକରେ ୧୧୦୯ ଛାତ୍ରଛାତ୍ରୀ




ଫିରିଙ୍ଗିଆ,୧୯।୨(ସମିସ): ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ପରୀକ୍ଷା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁସଙ୍ଗିକ ସୁବିଧା କରାଯାଇଥିବା ବେଳେ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ଚଳିତ ବର୍ଷ କନ୍ଧମାଳ ଜିଲାର ୨୧୪ ଉଚ୍ଚ ବିଦ୍ୟାଳୟର ସମୁଦାୟ ୧୧ହଜାର ୭୧୭ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ସେମାନଙ୍କ ମଧ୍ୟରେ ୧୦ହଜାର ୯୪୨ ଜଣ ରେଗୁଲାର ମାଟ୍ରିକ ପରୀକ୍ଷାର୍ଥୀ ରହିଥିବାବେଳେ ୧୫୫ ଜଣ ମଧ୍ୟମା ଓ ୫୭୫ ଜଣ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩୯ ଜଣ ଏକ୍ସ ରେଗୁଲାର ଓ ୬ ଜଣ ପତ୍ର ବିନିମୟ ପାଠ୍ୟକ୍ରମ ପରୀକ୍ଷାର୍ଥୀ ରହିଛନ୍ତି। ଜିଲ୍ଲାରେ ସମୁଦାୟ ୬୭ଟି ପରୀକ୍ଷା କେନ୍ଦ୍ର ଖୋଲାଯାଉଛି। ପ୍ରଶ୍ନପତ୍ର ସୁରକ୍ଷିତ ରଖିବାକୁ ୧୬ ନୋଡାଲ ସେଣ୍ଟର ବ୍ୟବସ୍ଥା କରାଯାଇଛି। ବାଲିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଜି. ଉଦୟଗିରି ହବାକ ହାଇସ୍କୁଲ, କେ. ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ, ସାରଙ୍ଗଡ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଜୁରୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଫିରିଙ୍ଗିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଏଜେଓ ହାଇସ୍କୁଲ, ରାଇକିଆ ସେଣ୍ଟ କ୍ୟାଥେରିନ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଛି। ଚକାପାଦ, ଦାରିଙ୍ଗବାଡି, ବ୍ରାହ୍ମଣୀ ଗାଁ, କୋଟଗଡ, ଗୋଚ୍ଛାପଡା, ବେଲଘର ଓ ତୁମୁଡିବନ୍ଧ ଥାନାରେ ପ୍ରଶ୍ନପତ୍ର ରଖିବା ବ୍ୟବସ୍ଥା କରାଯାଇଛି। ପରୀକ୍ଷା ତଦାରଖ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଦୁଇଟି ସ୍କ୍ୱାଡ୍ ଗଠନ ହୋଇଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର ଗୋଟିଏ ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ଉପରେ ନଜର ରଖିଛନ୍ତି।

ଫିରିଙ୍ଗିଆ ବ୍ଲକରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ ପରୀକ୍ଷା ନିୟନ୍ତ୍ରଣ ଦାୟିତ୍ୱରେ ଥିବାବେଳେ ବ୍ଲକରେ ଗୋଟିଏ ନୋଡାଲ ସେଣ୍ଟର ସହ ୮ଟି ପରୀକ୍ଷା କେନ୍ଦ୍ରରେ ୧୧୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ସୁରକ୍ଷା ବ୍ୟବସ୍ଥା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଥାନା ଅଧିକାରୀ ମୁରଲୀ ଧର ସାହୁ ବୁଲିବୁଲି ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି।

## ବାଇକ୍ ଦୁର୍ଘଟଣା: ପରୀକ୍ଷା ଦେଇପାରିଲେନି ୨ ଛାତ୍ର



ଗୁମ୍ମା : ଗୁମ୍ମା ବ୍ଲକ ଗାଇବା ଠାରୁ ଗୁମ୍ମା ଯିବା ରାସ୍ତାର ପୁଡ଼ିଡ଼ା ଛକ ନିକଟରେ ବାଇକ ଦୁର୍ଘଟଣାରେ ଦୁଇ ଛାତ୍ର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ବାଦେଡ଼ି ସରକାରୀ ବିଦ୍ୟାଳୟର ଦୁଇ ଛାତ୍ର ରହିତ ରଇତ(୧୭) ଓ ଲେଖାସ ଶବର(୧୮) ଗୁମ୍ମା ସରକାରୀ ବିଦ୍ୟାଳୟକୁ ବାଇକ୍‌ରେ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଯିବା ବେଳେ ଦୁର୍ଘଟଣା ଘଟିଥିଲା। ଦୁଇ ଛାତ୍ର ଗୁରୁତର ଆହତ ହୋଇଥିବା ଦେଖି ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଦୁର୍ଘଟଣା ଯୋଗୁଁ ଦୁଇ ଛାତ୍ର ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ରହିଛନ୍ତି। ଆସନ୍ତା ଶନିବାର ଦିନ ସ୍ୱାସ୍ଥ୍ୟରେ ସୁଧାର ଆସିଲେ ପରୀକ୍ଷା ଦେଇ ପାରିବେ ନଚେତ ଆସନ୍ତା ସପ୍ଲିମେଣ୍ଟାରୀ ପରୀକ୍ଷାକୁ ଅପେକ୍ଷା କରାଯିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି।

## ଟିକାବାଲି ବ୍ଲକରେ ୧୫ ଅନୁପସ୍ଥିତ

ଟିକାବାଲି,୧୯।୨(ସମିସ): ଟିକାବାଲି ବ୍ଲକରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ବ୍ଲକର ୪ ପରୀକ୍ଷା କେନ୍ଦ୍ରରେ ୬୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକୃତ ହୋଇଥିବା ବେଳେ ପ୍ରଥମ ଦିନରେ ପ୍ରାୟ ୧୫ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ପରୀକ୍ଷା ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ବିଭିନ୍ନ ବିଦ୍ୟାଳୟକୁ ନେଇ କେନ୍ଦ୍ର ଗୁଡ଼ିକ ନିର୍ଦ୍ଧାରଣ କରାଯାଇଛି। ସେଥିମଧ୍ୟରୁ ପେନାଗାବେରୀ ପରୀକ୍ଷା କେନ୍ଦ୍ରରେ ସବୁଠାରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏଠାରେ ପାବୁରିଆ, ଗୁଟିଙ୍ଗିଆ, ଆଡାସିକୁପା, ବୁର୍ବିନାୟୁ, ଗାର୍ଡିଙ୍ଗିଆ ଏବଂ ବଡ଼ିମୁଣ୍ଡା ହାଇସ୍କୁଲର ୧୩୩ ଜଣ ପିଲାଙ୍କ ମଧ୍ୟରୁ ୨୩୦ଜଣ ପରୀକ୍ଷା ଦେଉଥିବା ବେଳେ କଇଁଝର ହାଇସ୍କୁଲର ପରୀକ୍ଷା କେନ୍ଦ୍ରରେ ପିକରଡ଼ି, ସଲପଗାଁ ଏବଂ ଶଙ୍ଖରାଖୋଲ ହାଇସ୍କୁଲର ୧୨୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୦ ଜଣ ପରୀକ୍ଷା ଦେଉଥିବା ଜଣାପଡିଛି। ଟିକାବାଲି ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପେନାଗାବେରୀ, ବସ୍ତିଙ୍ଗିଆ ଏବଂ କଇଁଝର ହାଇସ୍କୁଲର ୧୨୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୩ ଜଣ ପରୀକ୍ଷା ଦେଉଛନ୍ତି। ରାଜ୍ୟ ବୋର୍ଡ ସହିତ ସଲପାଗାଁ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଧ ପରୀକ୍ଷା ପରିଚାଳିତ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଏହି ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ୧୬୬ଜଣ ଏବଂ ଯୁକ୍ତ ଦୁଇ (+୨) ଶ୍ରେଣୀରେ ୩୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷା କେନ୍ଦ୍ର ଗୁଡ଼ିକରେ କପି ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବା ସହ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ପାଇଁ ସ୍ଥାନୀୟ ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।



## ୪ କେନ୍ଦ୍ରରେ ପରୀକ୍ଷା ଦେଲେ ୭୨୪ ଜଣ



ଜି.ଉଦୟଗିରି : ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଆଜି ପ୍ରଥମ ଦିନରେ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀ। ଏହି ଓଡ଼ିଆ ପ୍ରଶ୍ନପତ୍ର ସହଜ ଏବଂ ସରଳ ଥିବା ବେଳେ ପରୀକ୍ଷା ଭଲ ହୋଇଛି ବୋଲି କହିଛନ୍ତି ପରୀକ୍ଷାର୍ଥୀ ଅଭିଳାଷ ପଟ୍ଟନାୟକ। ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ହବାକ ଉଚ୍ଚ ବିଦ୍ୟାଳୟ ରେ ୨୧୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୫୬, କଳିଙ୍ଗା ଉଚ୍ଚ ବିଦ୍ୟାଳୟ ରେ ୧୬୬ ଓ ଲିଙ୍ଗାଗଡ଼ ଉଚ୍ଚ ବିଦ୍ୟାଳୟରେ ୮୪ ଏହିପରି ମୋଟ ୪ କେନ୍ଦ୍ରରେ ୭୨୪ ଜଣ ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନ ପରୀକ୍ଷା ଦେଇଛନ୍ତି।

## ଗୋପାଳବନ୍ଧ ହିଡ଼ରେ ପାର୍କ ନିର୍ମାଣ ଦାବି



ପୁରୁଷୋତ୍ତମପୁର,୧୯ ।୨(ସମିସ): ପୁରୁଷୋତ୍ତମପୁର ସହର ମଧ୍ୟରେ ଥିବା ଗୋପାଳବନ୍ଧ ପଶ୍ଚିମ ପାଶ୍ୱର୍ ହିଡରେ ଦୋକାନ ଗୃହ ନିର୍ମାଣକୁ ବରିଷ୍ଠ ନାଗରିକ ପକ୍ଷରୁ ବିରୋଧକରି ଦୋକାନ ଗୃହ ପରିବର୍ତ୍ତେ ବରିଷ୍ଠ ନାଗରିକଙ୍କ ନିମନ୍ତେ ପାର୍କ କରିବା ନିମନ୍ତେ ଏନଏସି ନିର୍ବାହି ଅଧିକାରୀ ସଂଗୀତା ସେଠୀଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ, ସହରାଞ୍ଚଳ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଓ ଖଲ୍ଲିକୋଟ ବିଧାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏହା ପୂର୍ବରୁ ସହରରେ ବରିଷ୍ଠ ନାଗରିକ ପକ୍ଷରୁ ଟଏଲେଟ ନିର୍ମାଣ ପାଇଁ ଦାବିପତ୍ର ଦେଇଥିଲେ ମଧ୍ୟ ଏନଏସି କର୍ତ୍ତୃପକ୍ଷ ବରିଷ୍ଠ ନାଗରିକଙ୍କ ଦାବିକୁ ଉପେକ୍ଷା କରିଛନ୍ତି। ପୁରୁଷୋତ୍ତମପୁର ସହର ମଧ୍ୟ ଭାଗ ତଥା କବିସୂର୍ଯ୍ୟନଗର-ହୁମ୍ମା ରାଜପଥ ପାଶ୍ୱର୍, ୱାର୍ଡନଂ ୯ ରେ ଥିବା କିମ୍ବଦନ୍ତିପୂର୍ଣ୍ଣ ଐତିହାସିକ ଗୋପାଳବନ୍ଧଟି ଦୀର୍ଘବର୍ଷ ହେଲା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏହାକୁ ପୁନଃ ଉଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରିବା ଲାଗି ସହରବାସୀ ଦୀର୍ଘ ବର୍ଷ ହେଲା ଏଏନଏସି ପ୍ରଶାସନ ଠାରେ ଦାବି କରିବାରେ ଲାଗିଥିଲେ। ଏହି ଦାବିକୁ ନେଇ ଏନଏଏସି ୨୦୨୪ ମସିହାରେ ସୌନ୍ଦର୍ଯ୍ୟକରଣ କରିବାର କହି ବନ୍ଧର ପଶ୍ଚିମ ପାଶ୍ୱର୍ରୁ ପ୍ରାୟ ୧୫ ଫୁଟରୁ ଊର୍ଦ୍ଧ ଜାଗାକୁ ପୋତି ଗାର୍ଡୱାଲ ନିର୍ମାଣକରି ସେହି ସ୍ଥାନରେ ବରିଷ୍ଠ ନାଗରିକ ମାନଙ୍କ ଚିତବିନୋଦନ ଲାଗି ଏକ ପାର୍କ ନିର୍ମାଣ କରିବାର ପ୍ରତିଶୃତି ଦେଇଥିଲେ। ମାତ୍ର ପୁନଃ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରିବା ପରିବର୍ତ୍ତେ ତରବରିଆ ଭାବେ କେବଳ ବନ୍ଧକୁ ପୋତି ଗାର୍ଡୱାଲ କରି ଅଧାରୁ କାମ ବନ୍ଦ କରିଦେଇଥିଲେ । ତେଣୁ ଏହି ବନ୍ଧ ନିକଟରୁ ବେଆଇନ ଜବର ଦଖଲକୁ ତୁରନ୍ତ ହଟାଇ ସେହି ସ୍ଥାନରେ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଦାବି ହୋଇଛି। ସେପଟେ ଏହି ଦାବିକୁ ଜିଲ୍ଲାପାଳ ଓ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଇ ଦିଆଯିବ ବୋଲି ପୁରୁଷୋତ୍ତମପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗୀତା ସେଠି କହିଛନ୍ତି।

## ବାଣାୟତ ସମାଜର ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ



କବିସୂର୍ଯ୍ୟନଗର,୧୯ ।୨(ସମିସ): ସ୍ଥାନୀୟ ଜଟେଶ୍ୱର ମନ୍ଦିର ପରିସରରେ ଓଡ଼ିଆ ବାଣାୟତ ସମାଜ ପକ୍ଷରୁ ବରିଷ୍ଠ ସଂଗଠକ ତଥା ସଦସ୍ୟ ଭିକାରି ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୪୮ ଜଣ ଗୁରୁଦିକ୍ଷା ଗ୍ରହଣ କରିଥିଲେ। ବହୁ ପୁରାତନ ପ୍ରଥା ଓ ଚଳଣିକୁ ଉଜ୍ଜୀବିତ ରଖିବାରେ ସର୍ବଦା ବାଣାୟତ ଓଡ଼ିଆ ସମାଜ ସର୍ବଦା ତତ୍ପର। ଏହାକୁ ଆଧାର କରି ସ୍ଥାନୀୟ ବକ୍ସିଜଗବନ୍ଧୁ ରୋଡ଼ ଓ ଜଟେଶ୍ୱର ସାହିର ୱାର୍ଡନଂ ୭ରେ କେଉ ଆବାହନ କାଳରୁ ବସବାସ କରି ଆସୁଥିବା ଓଡ଼ିଆ ବାଣାୟତ ସମାଜର ସମସ୍ତ ସ୍ୱାଇଁ ପରିବାର ଏକତ୍ରିତ ହୋଇଥିଲେ। ଜଣଙ୍କ ପରେ ଜଣଙ୍କ ପରିବାରକୁ ଗୁରୁଦିକ୍ଷା ଗ୍ରହଣ କରିଥିଲେ। ମୋଟ ୨୪ଟି ସ୍ୱାଇଁ ପରିବାର ମଧ୍ୟରେ ଗନ୍ତେଇ ଓ ମହେନ୍ଦ୍ର, ଶତ୍ରୁଘ୍ନ ଓ ମହେଶ୍ୱର, ଭିକାରି, ବସନ୍ତ ଓ ସୁଶାନ୍ତ, ଇନ୍ଦ୍ର, ବାଳକୃଷ୍ଣ ଓ ସନ୍ତୋଷ, ଭାସ୍କର, କେଦାର ଓ ହୃଷିକେଶ, ହୀନ, ସୁରେନ୍ଦ୍ର, ଭଗବାନ, ରବୀନ୍ଦ୍ର, ଦୀନବନ୍ଧୁ, କୃପାସିନ୍ଧୁ, ପ୍ରଭାତ ଓ ଦେବୀପ୍ରସାଦ ରହିଥିଲେ। ସମସ୍ତ ପରିବାରକୁ ପୂଜାବିଧି, ନୀତିନିୟମକୁ ଆଧାର କରି କୁଳଗୁରୁ କୃଷ୍ଣଚନ୍ଦ୍ର ପାଢ଼ୀ ଓ ଶଙ୍କର ପାଢ଼ୀ ପ୍ରଦାନ କରିଥିଲେ। ଶେଷରେ ଏକ ନୈଶ୍ୟ ଭୋଜିର ଆୟୋଜନ ହୋଇଥିଲା। ଦୀର୍ଘ ବର୍ଷ ପରେ ଗୋଟିଏ ଜାଗାରେ ସ୍ୱାଇଁ ପରିବାରର ମିଳନ ଏକ ଅନନ୍ୟ ଅନୁଭୂତି ପ୍ରଦାନ କରିଥିଲା। ଜୟନ୍ତ, ନିରାକାର, ଋତ୍ୱିକ, ସାଗର ସହଯୋଗ କରିଥିଲେ।

## ଦ୍ୱିତୀୟ ଦିନରେ 'ସୁଭଦ୍ରା ଶକ୍ତି ମେଳା'

# ବିନା ସୁଭଦ୍ରାରେ ଚେୟାର ଖାଲି; ଖୋଲୁନି ଷ୍ଟଲ





ପାରଳାଖେମୁଣ୍ଡି,୧୯।୨(ସମିସ)

ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ଗୁରୁବାର ଥିଲା ଦ୍ୱିତୀୟଦିବସ। ପ୍ରଥମ ଦିନ ପରି ଦ୍ୱିତୀୟ ଦିନରେ ମଧ୍ୟ ସଭାସ୍ଥଳ ଖାଁ ଖାଁରେ ଚାଲିଛି। ହାତଗଣତି ପ୍ରଶାସନିକ ଅଧିକାରୀ, ଘରୋଇ ସୁରକ୍ଷା କର୍ମୀ ଓ ପୋଲିସ ଟିମ୍‌ଙ୍କ ସହ କଳାକାର ଏବଂ ସେମାନଙ୍କ ଅଭିଭାବକଙ୍କୁ ମିଶାଇ ୧୦୦ରୁ କମ୍ ଉପସ୍ଥିତ ରହିଥିବାର ଦେଖିବାକୁ ମିଳିଛି। ସେପଟେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଖୋଲାଯାଇଥିବା ବିଭିନ୍ନ ଷ୍ଟଲ ଗୁଡିକ ମଧ୍ୟ ଖାଲି ପଡ଼ିଛି। ତେବେ ଜନସଚେତନତା ନଥିବା ଯୋଗୁଁ ଲୋକ ଆସୁନଥିବା ବେଳେ ନାରୀଶକ୍ତିକୁ କିପରି ଶସକ୍ତ କରାଯାଇଛି ତାକୁ ନେଇ ଚାରିଆଡେ ଚର୍ଚ୍ଚା ହେଉଛି। ବିଶେଷ କରି ଏହି ମେଳା ରାଜ୍ୟ ହସ୍ତଶିଳ୍ପ, ପାରମ୍ପରିକ ଖାଦ୍ୟ ଓ ଲୋକ ସଂସ୍କୃତିର ଏକ ଭବ୍ୟ ପର୍ବ ବୋଲି ସରକାର ତଥା ପ୍ରଶାସନ ପକ୍ଷରୁ ପ୍ରଚାର ଆରମ୍ଭ ହୋଇଛି। ଏହି ମେଳା ଲାଗି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମର ଷ୍ଟାର ନାଇଟରେ ନାମୀଦାମୀ କଳାକାରମାନେ ଯୋଗଦେଉଛନ୍ତି। ଅନ୍ତତଃ ଏହି ନାମୀଦାମୀ କଳାକାରଙ୍କ ମର୍ଯ୍ୟାଦା ରକ୍ଷା କରିବାକୁ ଅନ୍ତତଃ ୫ଶହ ଲୋକେ ରହିଥିଲେ ଭଲ ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବିନା ଯୋଜନା ଓ ବିନା ସଚେତନତାରେ ଲୋକଙ୍କ ଅର୍ଥକୁ ଶ୍ରାଦ୍ଧ ନକରାଯାଉ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ସେପଟେ ଷ୍ଟାଡିୟମ ବା ସୁଭଦ୍ରା ମେଳାରେ ଜମା ଭିଡ଼ ପରିଲକ୍ଷିତ ନହେବାକୁ ନେଇ ଘରୋଇ ସୁରକ୍ଷା କର୍ମୀମାନେ ଗୋଟିଏ ମୁଖ୍ୟ ଫାଟକରେ ତାଲା ପକାଇ ଜଗି ରହିଛନ୍ତି।

## ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା; ସ୍ଥିତି ଯାଞ୍ଚ କଲେ ଜିଲ୍ଲାପାଳ

ଛତ୍ରପୁର,୧୯ ।୨(ସମିସ): ଗୁରୁବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପ୍ରର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ମାତୃଭାଷା ଓଡିଆ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି ଟିଭି କ୍ୟାମେରା ଲଗାଯାଇଛି। ପରୀକ୍ଷାରେ କପି ରୋକିବା ନେଇ ବୋର୍ଡ ପକ୍ଷରୁ ସେଣ୍ଟ୍ରାଲ ସ୍କ୍ୱାର୍ଡ ଗଠନ ହେବା ସହ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ପକ୍ଷରୁ ଫ୍ଲାଇଂ ସ୍କ୍ୱାର୍ଡ ବ୍ୟବସ୍ଥା ହୋଇଛି। ପରୀକ୍ଷା କେନ୍ଦ୍ରକୁ କାହାରିକୁ ଫୋନ ନେବା ଉପରେ କଟକଣା କରାଯାଇଛି। ଛତ୍ରପୁର ବ୍ଲକରେ ୧୧ଟି କେନ୍ଦ୍ରରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ମାଟ୍ରିକ ପରୀକ୍ଷାର୍ଥୀ ସହ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସମସ୍ତ ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ସୁରକ୍ଷା ବଳୟରେ ରଖାଯାଇଛି। ଏହି ଅବସରରେ ଛତ୍ରପୁର ସ୍ଥିତ ପିଏମଶ୍ରୀ ଅନସ୍ଲୋ ସ୍କୁଲ ଓ ବାଳିକା ବିଦ୍ୟାଳୟକୁ ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତି ଭାସନ ପରିଦର୍ଶନ କରିବା ସହ ସ୍ଥିତି ଯାଞ୍ଚ କରିଥିଲେ। ପରୀକ୍ଷାକେନ୍ଦ୍ର ଗୁଡିକ କଡାନଜରରେ ରଖାଯିବା ସହ ପୁଲିସ ମୁତୟନ ହୋଇଛନ୍ତି ଏହା ସହ ଗଞ୍ଜାମ ଜିଲାରେ ଛାତ୍ର/ଛାତ୍ରୀମାନେ କିପରି ଭଲ କରିବେ ଶୁଭେଛା ଜଣାଇଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ବେଳେ ଛତ୍ରପୁର ବିଇଓ ସୁଜିତ କୁମାର ପାଢୀ ଉପସ୍ଥିତ ଥିଲେ। ଆଜି ପ୍ରଥମ ଦିନରେ ୧୧ଟି କେନ୍ଦ୍ରରେ



୨୨୮୩ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୨୨୪୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୫ଜଣ ଅନୁପସ୍ଥିତ ରହିଥିଲେ।୧୭ ଜଣ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ଛାତ୍ର/ଛାତ୍ରୀ ରହିଥିବା ବେଳେ ୧୮ ଜଣ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ(ଏସଓଏସସି) ପରିକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ ।ଆସନ୍ତା ୨୧ ରେ ଇଂରେଜି ପରକ୍ଷୀ ରହିଛି।

## ୬ କେନ୍ଦ୍ରରେ ୧୪୭୨ ଛାତ୍ରଛାତ୍ରୀ

ପାତ୍ରପୁର,୧୯ ।୨(ସମିସ): ଗୁରୁବାର ଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ସୀମାନ୍ତ ପାତ୍ରପୁର ବ୍ଲକରେ ୬ ପରୀକ୍ଷା କେନ୍ଦ୍ରରେ ୧୪୭୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପରୀକ୍ଷା ଆରମ୍ଭ ହୋଇଥିଲା।

ନୋଡାଲ ହାଇସ୍କୁଲ ଖାରିଆଗୁଡ଼ାରେ ୧୯୩ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୫ଜଣ ଅନୁପସ୍ଥିତ ଥିଲେ। ଏମଏସପି ବିଦ୍ୟାପୀଠ ୨୫୨ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୪ଜଣ ଅନୁପସ୍ଥିତ ଥିଲେ। ଶ୍ରୀଲିମେଶ୍ୱରି ବିଦ୍ୟାପୀଠ ତୁମ୍ବା ୧୮୦ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୭ଜଣ ଅନୁପସ୍ଥିତ ଥିଲେ, ଏସପିଏମଆର ବିଦ୍ୟାପୀଠ ଜରଡ଼ାରେ ସମସ୍ତ ପରୀକ୍ଷା ଉପସ୍ଥିତ ଥିଲେ। ଶ୍ରୀକରୁଣାକର ନୋଡାଲ ଉଚ୍ଚ ବିଦ୍ୟାଳୟ ୨୧୬ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲେ। ସେହିଭଳି ଶ୍ରୀ ଶ୍ୟାମ ସୁନ୍ଦର ନୋଡାଲ ବିଦ୍ୟାପୀଠ ସୁରଙ୍ଗୀ ୩୪୦ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୫ଜଣ ଅନୁପସ୍ଥିତ ଥିଲେ।

## ୯ ଟି ସେଣ୍ଟରରେ ୨୧୧୬ ଛାତ୍ରଛାତ୍ରୀ

କୋଦଳା,୧୯ ।୨(ସମିସ): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି। ବେଗୁନିଆପଡ଼ା ବ୍ଲକରେ ୯ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୧୩୧ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ୨୧୧୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ଏବଂ ୧୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଅଛନ୍ତି। କୋଦଳା ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨୦୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ କୋଦଳା ପିଏମ୍‌ଶ୍ରୀ ସ୍ୱର୍ଣ୍ଣମୟୀ ହାଇସ୍କୁଲରେ ୩୨୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସେହିପରି ମର୍ଦ୍ଦକୋଟ ହରିହର ହାଇସ୍କୁଲରେ ୨୬୭, ଫାଶୀ ମାଣିକେଶ୍ୱର ହାଇସ୍କୁଲରେ ୧୬୪, ଅଗାଁର ଗାଁ ବିଏସ୍ ହାଇସ୍କୁଲରେ ୧୭୬, ସୁମଣ୍ଡଳ ରବିଘୋଷ ନୋଡାଲ ବିଦ୍ୟାପୀଠରେ ୩୩୪, ଶାକୁଂଡା ସ୍ଥିତ ଧବଳେଶ୍ୱର ବିଦ୍ୟାପୀଠରେ ୧୮୪, ଏସ୍ ଛଚିନା ସ୍ଥିତ ରାଧାକୃଷ୍ଣ ହାଇସ୍କୁଲରେ ୨୨୭, ବେଗୁନିଆପଡ଼ା ସ୍ଥିତ ଜନତା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଦେଇ ବେଶ୍ ଭଲ କରିଥିବା କହିଛନ୍ତି କୋଦଳା ସ୍ୱର୍ଣ୍ଣମୟୀ ହାଇସ୍କୁଲରେ ପରୀକ୍ଷା ଦେଇଥିବା କିଛି ପରୀକ୍ଷାର୍ଥୀ। ପରୀକ୍ଷା ସରିବା ପରେ ପ୍ରଶ୍ନପତ୍ର ସହ ଉତ୍ତର ଖାତାକୁ ସୁରକ୍ଷିତ ଭାବେ ନୋଡାଲ ସେଣ୍ଟରକୁ ପଠାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ବନ୍ଦବୋସ୍ତ କରାଯାଇଛି।

## ପରୀକ୍ଷା ଦେଲେ ୧୦୪୨ ଛାତ୍ରଛାତ୍ରୀ

ଧରାକୋଟ,୧୯ ।୨(ସମିସ): ମାଟ୍ରିକ ପରୀକ୍ଷାର ଆରମ୍ଭ ଦିନରେ ଧରାକୋଟ ବ୍ଲକର ପାଞ୍ଚ ଗୋଟି



କେନ୍ଦ୍ର ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ଓଳମ୍ବାରେ ୨୦୫ ଜଣ, ଯାହାଡା ଉଚ୍ଚ ବିଦ୍ୟାଳୟରେ ୨୧୫ ଜଣ, ସରକାରୀ ଅନନ୍ତ ନାରାୟଣ ନୋଡାଲ ଉଚ୍ଚ ବିଦ୍ୟାଳୟ ମୁଣ୍ଡମରାଇରେ ୧୭୭ ଜଣ, ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ଡ଼ୁଉଗାଁରେ ୧୬୬ ଜଣ ଓ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ଧରାକୋଟରେ ୨୭୯ ଜଣଙ୍କୁ ମିଶାଇ ସମସ୍ତ କେନ୍ଦ୍ରରେ ୧୦୪୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ବିଇଓ ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ ପ୍ରମୁଖ ଜିଲ୍ଲା ଅଫିସିଆଲ ଟିମ ଭାବରେ ପରୀକ୍ଷା କେନ୍ଦ୍ର ଗୁଡିକୁ ପରିଦର୍ଶନ କରିଥିଲେ। ପ୍ରଥମ ଦିନରେ ସବୁଠି ଶାନ୍ତିପୂର୍ଣ୍ଣ ଭାବରେ ପରୀକ୍ଷା ସମାପ୍ତ ହୋଇଛି।

## 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା

ସୋରଡ଼ା,୧୯ ।୨(ସମିସ): ସୋରଡାରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ବେଟି ବଚାଓ ବେଟି ପଢ଼ାଓ ସଚେତନତା କାର୍ଯ୍ୟକ୍ରମ ସୋରଡ଼ା ବ୍ଲକରେ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା କନ୍ୟା ରତ୍ନ ଯୋଜନାର ସଫଳ ରୂପାୟନ ଓ କାର୍ଯ୍ୟକାରିତାକୁ ନେଇ ସୋରଡା ବ୍ଲକ କାର୍ଯ୍ୟାଳୟ ତରଫରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସୋରଡା ବିଡିଓ ତନ୍ମୟ ପାତ୍ରଙ୍କ ସହ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଗ୍ରାମ ପଞ୍ଚାୟତ ଅଧିକାରୀ ସଂଜୀବ ରାଜ ସେନାପତି, ସୁପରଭାଇଜର ତଥା ଭାରପ୍ରାପ୍ତ ମହିଳା ଓ ଶିଶୁ ବିକାଶ ଅଧିକାରୀ ସବିତା ସାବତଙ୍କ ସହ ଏସ ଆଇ ଶାଶ୍ୱତ କୁମାର ପରିଡା, ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପାଢୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ମଣ୍ଡଳ ଅନ୍ୟ ସୁପରଭାଇଜର ଓ ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଅଭିମୁଖ୍ୟ ଆଦି ବିସ୍ତୃତ ଆଲୋଚନା କରିଥିଲେ। ଏହିଭଳି ସଚେତନତା ଦ୍ୱାରା ଗତବର୍ଷ ମାନଙ୍କ ତୁଳନାରେ ବର୍ତ୍ତମାନ ଶିଶୁ ଜନ୍ମ ହାର କମିବା ସହ କନ୍ୟା ଭ୍ରୁଣ ହତ୍ୟା ଓ ତାହାର କାରଣ ନିରାକରଣ ସହିତ ମହିଳା ମାନଙ୍କ ଦ୍ୱାରା ହେଉଥିବା ସାଇବର ସୁରକ୍ଷା ଆଦି ବିଷୟରେ ବୁଝାଇଥିଲେ। ବ୍ଲକର କିଛି କୃତୀ ଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

## ବିଭିନ୍ନ ହାଇସ୍କୁଲରେ ମାଟ୍ରିକ ପରୀକ୍ଷା

ଶେରଗଡ,୧୯ ।୨(ସମିସ): ଶେରଗଡ ବ୍ଲକର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସାହିତ୍ୟରେ ରେଗୁଲାର ୧୬୯୫ ଓ ଏକ୍ସରେଗୁଲାରରେ ୩ ଜଣ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ଶେରଗଡ ମହାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ରେଗୁଲାରର ୨୭୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୬୯ ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଏବଂ ଏକ୍ସରେଗୁଲାରରେ ଜଣେ ଅନୁପସ୍ଥିତ ଅଛନ୍ତି। ଶେରଗଡ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୮୩ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୨୮୦ ଜଣ ପରୀକ୍ଷା ଦେଇଥିବା ବେଳେ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଏବଂ ଜଣେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ବ୍ଲକର ସମସ୍ତ ୦୮ ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ପରୀକ୍ଷାର୍ଥୀ ୧୭୧୯ ଜଣଙ୍କ ମଧ୍ୟରୁ ୧୬୯୫ ଜଣ ପରୀକ୍ଷା ଦେଇଥିବା ବେଳେ ୨୪ ଜଣ ଅନୁପସ୍ଥିତ ଅଛନ୍ତି। ସେହିଭଳି ଏକ୍ସରେଗୁଲାର ରେ ୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ପରୀକ୍ଷା ପରିଚାଳନାରେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ନିୟୋଜିତ ଥିବା ବେଳେ ଶାନ୍ତି ଶୃଙ୍ଖଳା ଲାଗି ପୁଲିସ କର୍ମଚାରୀ ନିୟୋଜିତ ହୋଇଥିଲେ।

## ପୋଲସରା ମ୍ୟୁନିସିପାଲିଟି

## ବିକାଶରେ ବାଧକ କର୍ମଚାରୀଙ୍କ ବୈମାତୃକ ମନୋଭାବ

ପୋଲସରା,୧୯ ।୨(ସମିସ): ପୋଲସରା ମ୍ୟୁନିସିପାଲିଟିର ଉନ୍ନୟନ କାମ ଦିନକୁ ଦିନ ବ୍ୟାଘାତ ହେବାରେ ଲାଗିଛି। କେତେବେଳେ ପ୍ରଶାସନିକ ଉଦାସୀନତା ତ ଆଉ କେତେବେଳେ କର୍ମଚାରୀ ଓ ଯନ୍ତ୍ରୀଙ୍କ ମନମାନିରେ ଚାଲିଛି ସହରର ବିକାଶ। ତା ସହ ଉନ୍ନୟନମୂଳକ କାମ ସାରିବା ପରେ ମଧ୍ୟ ମାସ ମାସ ଧରି ପଡିରହୁଛି ଫାଇଲ ଏବଂ ବିଲ୍ ନାଁ ଧରିଲେ କର୍ମଚାରୀ ପରସ୍ପରକୁ ଦାୟୀ ଦେଇ ବସିଯାଉଛନ୍ତି। ଯାହାଫଳରେ ଠିକଦାର ଠାରୁ ଆରମ୍ଭ କରି ଉନ୍ନୟନ କାମ କରୁଥିବା ସାଧାରଣ ଲୋକେ ମଧ୍ୟ ନାନା ଅସୁବିଧା ଓ ହଇରାଣ ହରକତ ହେଉଥିବା ଏବଂ ଆର୍ଥିକ ବୋଝ ମୁଣ୍ଡାଇ ଚାପଗ୍ରସ୍ତ ଥିବା ଅଭିଯୋଗ ଆସିଛି।

ଅନ୍ୟପଟେ ଉନ୍ନୟନ କାମର ବିଲ୍ ବିଳମ୍ବ ହେଉଥିବା ମଧ୍ୟ ବିକାଶ ପଥରେ କଣ୍ଟା ସାଜିଛି। ପୋଲସରା ସହରର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ ଓ ଏହାର ବିକାଶକୁ ନେଇ ବିଗତ ଦିନରେ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଏବଂ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ବିକାଶ ଦିଗରେ ଆଗେଇଛି ସହର ଏବଂ କିଛିଦିନ ତଳେ ଉଭୟ ମନ୍ତ୍ରୀ ଓ ସାଂସଦଙ୍କ ଉପସ୍ଥିତିରେ ନିର୍ବାହୀ ଅଧିକାରୀ କୈଳାସଚନ୍ଦ୍ର ଜେନା, ଅଧ୍ୟକ୍ଷା ସଙ୍ଗୀତା ବେହେରାଙ୍କ ସମେତ ସମସ୍ତ କାଉନସିଲର ଏବଂ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଯେଉଁଠି ପୋଲସରା ସହରର ବିକାଶକୁ ଗୁରୁତ୍ୱ ଦିଆଯିବା ସହ ପ୍ରମୁଖ ସମସ୍ୟା ଓ ଏହାର ସମାଧାନକୁ ନେଇ କାଉନସିଲରଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ଏପରିକି ପୋଲସରା ସହରର ବିଭିନ୍ନ ୱାର୍ଡର ରାସ୍ତାଘାଟ ଗୁଡ଼ିକ ଦୟନୀୟ ଅବସ୍ଥାରେ ଥିବାବେଳେ ଯିବା ଆସିବା କରିବା ବହୁ କଷ୍ଟ ହେଉଥିବା ଅଭିଯୋଗ ହୋଇଥିଲା।

ଚଳିତବର୍ଷ ବିଧାୟକ ଓ ସାଂସଦ ପାଣ୍ଠିରୁ ମଧ୍ୟ ଅର୍ଥ ଅନୁମୋଦନ ହେଇଥିବା ଏବଂ ବିଭିନ୍ନ ୱାର୍ଡରେ ଏହାକୁ ବିନିଯୋଗ କରି ସହରର ରୂପରେଖ ବଦଳାଇବାକୁ ଚେଷ୍ଟା ଜାରି ରହିଥିବା ବେଳେ କର୍ମଚାରୀଙ୍କ ମଧ୍ୟର ସମନ୍ୱୟର ଅଭାବ ଯୋଗୁଁ କାର୍ଯ୍ୟ ବିଳମ୍ବ ହେଉଥିବା ଜଣାପଡିଛି। ସେହିପରି ସହରର ସ୍ୱଚ୍ଛତା ଓ ପରିମଳକୁ ନେଇ ମାସିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସହରରୁ ଠିକରେ ଅଳିଆ ଉଠୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନାଙ୍କ ସହ ଯୋଗାଯୋଗ ବେଳେ ଯେଉଁ କର୍ମଚାରୀ ଉନ୍ନୟନ କାମରେ ସହଯୋଗ କରୁନାହାନ୍ତି ସେମାନଙ୍କ ଦରମା ବନ୍ଦ କରାଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

## ନାଳିଫିତା ତଳେ ୱାଲ ଡିଜାଇନ୍ ଫାଇଲ

# ଅଧପନ୍ତରିଆ ଠେଙ୍ଗାଧରା-ମନ୍ଧାର ବଡ଼ନଦୀ ସେତୁ

ବେଲଗୁଣ୍ଠା,୧୯ ।୨(ସମିସ)



ବେଲଗୁଣ୍ଠା ବ୍ଲକର ଏକ ପ୍ରମୁଖ ଗମନାଗମନ ସମସ୍ୟା ଭାବେ ଉଭା ହୋଇଛି ମନ୍ଧାର-ଠେଙ୍ଗାଧରା ବଡ଼ନଦୀ ସେତୁ। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ସେତୁଟି ଅଞ୍ଚଳର ବିକାଶ ପାଇଁ ଏକ ମୁଖ୍ୟ ମାଧ୍ୟମ ହେବାର ଥିଲା। କାର୍ଯ୍ୟାଦେଶ ଅନୁଯାୟୀ, ଅମରେଶ ସାଇ କନଷ୍ଟ୍ରକ୍ସନ ନାମକ ଠିକା ସଂସ୍ଥା ୪ ନଭେମ୍ବର ୨୦୨୨ରେ କାମ ଆରମ୍ଭ କରିଥିଲେ ଏବଂ ୩ ନଭେମ୍ବର ୨୦୨୪ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଠିକା ସଂସ୍ଥା ପକ୍ଷରୁ ଦ୍ରୁତ ଗତିରେ ୯ଟି ପିଲାର ଓ ସ୍ଲାବ୍ କାମ ଶେଷ କରିଥିଲେ ବି ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସଂଯୋଗୀକରଣ ରାସ୍ତା ପାଇଁ ଆବଶ୍ୟକୀୟ ଡିଜାଇନ୍ ମଞ୍ଜୁର ହୋଇନଥିବାରୁ ଗତ ଏକ ବର୍ଷ ହେଲା କାମ ଠପ୍ ହୋଇପଡ଼ିଛି। ଏହି ବଡନଦୀ ବେଲଗୁଣ୍ଠା ବ୍ଲକକୁ ଦୁଇଟି ଭାଗରେ ବିଭକ୍ତ କରିଛି। ବିଶେଷ କରି ଖଇରପୁଟି, ପାଇଲିପଡା, ଗାଙ୍ଗପୁର, କ୍ଷତ୍ରିୟବରପୁର, ଗୋବରା, ଶାସନ, ବଡବୋରସିଂ, ବଡପଡା, ବେଣିପଲ୍ଲି, ନାଟେଙ୍ଗା ଓ ଇଙ୍ଗିନାଠି ଭଳି ୧୧ଟି ପଞ୍ଚାୟତର ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବେଲଗୁଣ୍ଠା ସହରକୁ ଶିକ୍ଷାନୁଷ୍ଠାନ, ତହସିଲ, ଥାନା ଓ ବ୍ଲକ କାର୍ଯ୍ୟାଳୟ ପାଇଁ ଆସୁଥିବା ଲୋକଙ୍କୁ ମାତ୍ର ୫/୧୦ କିଲୋମିଟର ରାସ୍ତା ପରିବର୍ତ୍ତେ ଭଞ୍ଜନଗର ଓ ଡିମିରିପଲ୍ଲି ଦେଇ ପ୍ରାୟ ୨୫/୩୦ କିଲୋମିଟର ବୁଲି ଆସିବାକୁ ପଡୁଛି। ଏହାଦ୍ୱାରା ଲୋକଙ୍କ ସମୟ ସହ ଆର୍ଥିକ ବୋଝ ମଧ୍ୟ ବଢୁଛି। ନଦୀରେ ବର୍ଷର ପ୍ରାୟ ୮ ମାସ ପାଣି ରହୁଥିବା ବେଳେ ଠିକା ସଂସ୍ଥା ପକ୍ଷରୁ କରାଯାଉଥିବା ଅସ୍ଥାୟୀ ଡାଇଭର୍ସନ ରାସ୍ତା ବାରମ୍ବାର ଧୋଇଯାଉଛି। ସେତୁଟି ମୁଖ୍ୟ ରାସ୍ତା ଠାରୁ ଯଥେଷ୍ଟ ଉଚ୍ଚରେ ଥିବାରୁ, ଏହାର ଉଭୟ ପାଶ୍ୱର୍ରେ ୫୦୦ ମିଟର ସଂଯୋଗୀକରଣ ରାସ୍ତା ସହ ସୁରକ୍ଷା ପାଚେରି ନିର୍ମାଣ ନହେଲେ ପାଶ୍ୱର୍ବର୍ତ୍ତୀ ଚାଷ ଜମି ନଷ୍ଟ ହେବାର ଭୟ ରହିଛି। ଭୁବନେଶ୍ୱର ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ଦପ୍ତରରୁ କେବେ ଡିଜାଇନ୍ ମିଳିବ ଏବଂ କେବେ ଏହି ସେତୁ ସମ୍ପୂର୍ଣ୍ଣ ହେବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନହିତ ଦୃଷ୍ଟିରୁ ପ୍ରଶାସନ ତୁରନ୍ତ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

